## ସଂକ୍ଷେପରେ

### ମହିଳାଙ୍କଠାରୁ ଚେନ ଲୁଟ୍

**କଣିହାଁ,୭।୬(ଡି.ଏନ.ଏ):** କଣିହାଁ ଥାନା ହାଇସ୍କୁଲ-କଲେଜ ରାସ୍ତା ନିକଟରେ ଶୁକ୍ରବାର ସକାଳେ ଜଣେ ମହିଳାଙ୍କଠାରୁ ଦୁର୍ବୃତ୍ତମାନେ ସୁନା ଚେନ ଲୁଟି ନେଇଛନ୍ତି। ଏ ନେଇ ମହିଳାଙ୍କ ଦିଅର ଜରଡ଼ା ଗ୍ରାମର ତୁଷାରକାନ୍ତ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କହିଛି, ତୁଷାରକାନ୍ତ ନିଜ ଭାଉଜଙ୍କ ସହ କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରରୁ ବାଇକ୍‌ରେ ଗ୍ରାମକୁ ଫେରୁଥିବାବେଳେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଅଟକାଇଥିଲେ। ଏହି ସମୟରେ ଭୁଜାଲି ଦେଖାଇ ତାଙ୍କ ଭାଉଜଙ୍କଠାରୁ ସୁନା ଚେନ ଲୁଟି ନେଇ କଂସମୁଣ୍ଡା ଅଭିମୁଖେ ପଳାଇ ଯାଇଥିବା ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୋଲିସ ନଂ.୧୦୦/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ନାଗ ସାପ ଉଦ୍ଧାର



ମାଧପୁର,୭।୬- ଆଠମଲ୍ଲିକ ବ୍ଲକ କନ୍ଧପଡା ପଞ୍ଚାୟତ ବେଲଦୁଲା ଗ୍ରାମରୁ ଶକ୍ରବାର ସ୍ନେକ ହେଲ୍ପ ଲାଇନର ସଦସ୍ୟମାନେ ଏକ ନାଗ ସାପ ଉଦ୍ଧାର କରିଛନ୍ତି। କୂଅ ନିର୍ମାଣ ପାଇଁ ରଖାଯାଇଥିବା ରିଙ୍ଗରେ ଉକ୍ତ ସାପଟି ଗୁଡ଼େଇ ହୋଇ ରହିଥିବା ଗ୍ରାମବାସୀ ଦେଖିବାକୁ ସ୍ନେକ ହେଲ୍ପ ଲାଇନ ସହିତ ଯୋଗାଯୋଗ କରିଥିଲେ। ପରେ ହେଲ୍ପ ଲାଇନ ସଦସ୍ୟ ଅରୁଣ ମେଣ୍ଡୁଲି, ଫରେଷ୍ଟ ଗାର୍ଡ ପୁରୁଷୋତ୍ତମ ଦେହୁରି, ଜଗୁଆଳି ବାସୁଦେବ ରଣା ପ୍ରମୁଖ ପହଞ୍ଚି ସାପଟିକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଥିଲେ।

### ଆଖଣ୍ଡଳମଣି ମନ୍ଦିରରେ ବିବାହ ଉତ୍ସବ

**କଣିହାଁ, ୭।୬ (ଡି.ଏନ୍.ଏ.):** କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ଆଖଣ୍ଡଳମଣି ମନ୍ଦିରରେ ଶିବ-ପାର୍ବତୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସକାଳୁ ଯଥାରୀତି ନୀତି ପରେ ମହାରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ମଧାହ୍ନରେ ଜଗତ କଲ୍ୟାଣ ହୋମଯଜ୍ଞ କରାଯାଇଥିଲା। ମୁଖ୍ୟ ସେବକ ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ପୂଜକ ଅନନ୍ତ ମିଶ୍ର, ଦେବରାଜ ମିଶ୍ର ଓ ବିନୋଦ ନନ୍ଦ ହୋମଯଜ୍ଞ ସମ୍ପାଦନ କରିଥିବାବେଳେ କରୁଣାକର ପ୍ରଧାନ, ନମିତା ପ୍ରଧାନ କର୍ତ୍ତା କାର୍ଯ୍ୟ ତୁଲାଇଥିଲେ। ବାବାମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ଛେଣ୍ଡିପଦା,୭।୬(ସ୍ୱ.ପ୍ର.):** ଛେଣ୍ଡିପଦା ସଦରମହକୁମାସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଶୁକ୍ରବାର ଅପରାହ୍ନରେ ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଭୋଳେଶ୍ୱର ବେହେରାଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ, ବ୍ଲକ ଅଧକ୍ଷ ଅଶୋକ କୁମାର ପ୍ରଧାନ, ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ମନ୍ଦିର ପରିଚାଳନା କମିଟି ସମ୍ପାଦକ ପଦ୍ମଲୋଚନ ପ୍ରଧାନ, କୋଷାଧକ୍ଷ ସୁବୋଧ ବେହେରା, ପଣ୍ଡିତ ଉମେଶ ଦାଶଙ୍କ ସମେତ ମନ୍ଦିର ପରିଚାଳନା କମିଟି ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚଳିତ ବର୍ଷ ରଥଯାତ୍ରାକୁ କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ବିଦ୍ୟୁତ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ, ଟ୍ରାଫିକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ଲମ୍ବୋଦର ପ୍ରଧାନ, ଦିଲୀପ ବେହେରା, ଅବଳା ବେହେରା, ସୁଦୀପ୍ତ ପ୍ରଧାନ, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ବରିଷ୍ଠ କର୍ମକର୍ତ୍ତା ଓ ଗ୍ରାମବାସୀ ଯୋଗ ଦେଇଥିଲେ।

■ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ସ୍ନାତକରେ ୮୫.୫୩, ସ୍ନାତକୋତ୍ତରରେ ୯୭.୮୭% ରେଜଲ୍ଟ

**ଅନୁଗୋଳ ଅଫିସ,୭।୬**

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ୫ଟି ସ୍ନାତକୋତ୍ତର ବିଭାଗ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। କଳାରେ ପାସ୍ ହାର ୮୫.୩୧ ଥିବାବେଳେ ବିଜ୍ଞାନରେ ୯୨.୮୩ ଏବଂ ବାଣିଜ୍ୟରେ ୭୧.୮୩ ପ୍ରତିଶତ ରହିଛି। ସ୍ନାତକର ମୋଟ୍ ୭୮୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୮୫.୫୩ ପ୍ରତିଶତ ଅର୍ଥାତ୍ ୬୬୮ ଜଣ ପାସ୍ କରିଛନ୍ତି। ସେହିଭଳି ସ୍ନାତକୋତ୍ତରରେ ୯୪ ଜଣଙ୍କ ମଧ୍ୟରୁ ୯୨ ପରୀକ୍ଷାର୍ଥୀ ପାସ୍ କରିଛନ୍ତି। ସ୍ନାତକୋତ୍ତରରେ ପାସ୍ ହାର ୯୭.୮୭ ପ୍ରତିଶତ ଥିବା ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଗଙ୍ଗାଧର କର ସୂଚନା ଦେଇଛନ୍ତି।

ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ସ୍ନାତକରେ ପାସ୍ ହାର ସାମାନ୍ୟ ଅଧିକ ଥିବାବେଳେ ସ୍ନାତକୋତ୍ତରରେ ୭ ପ୍ରତିଶତ ବୃଦ୍ଧି ପାଇଛି। କଳାରେ ସୁବ୍ରତ ପ୍ରଧାନ ୨୦୩୫ ନମ୍ବର ସହ ୮.୫୦ ସିଜିପିଏ ସ୍କୋର ରଖି ଟପ୍ପର ହୋଇଛନ୍ତି। ବିଜ୍ଞାନରେ ମଧୁସ୍ମିତା ବେହେରା ୨୩୪୦ ନମ୍ବର ସହ ୯.୬୨ ସିଜିପିଏ ସ୍କୋର ଓ ବାଣିଜ୍ୟରେ ଗୁରୁପ୍ରସାଦ ସାହୁ ୧୯୪୦ ନମ୍ବର ସହ ୮.୧୪ ସିଜିପିଏ ସ୍କୋର ରଖି ଟପ୍ପର ହୋଇଛନ୍ତି। ଏଥିସହ ସ୍ନାତକୋତ୍ତରରେ ଟପ୍ପର ହୋଇଥିବା ଛାତ୍ରୀଛାତ୍ରଙ୍କ ନାମ ମଧ ଘୋଷଣା



ପରୀକ୍ଷା ଫଳ ସମ୍ପର୍କରେ ଘୋଷଣା କରାଯାଉଛି।

■ଛାତ୍ରଙ୍କୁ ମାତ୍ ଦେଲେ ଛାତ୍ରୀ

■ମଧୁସ୍ମିତା, ସୁବ୍ରତ, ଗୁରୁପ୍ରସାଦ ଷ୍ଟ୍ରିମ୍ ଟପ୍ପର

■ସ୍ନାତକୋତ୍ତରରେ ପାସ୍ ହାର ୭ ପ୍ରତିଶତ ବୃଦ୍ଧି



ସେହ୍ନଲତା ସାହୁ | ମଧୁସ୍ମିତା ବେହେରା | ଗୁରୁପ୍ରସାଦ ସାହୁ | ଅଞ୍ଜନା ସାହୁ

ହୋଇଛି। ଚଳିତବର୍ଷ ସ୍ନାତକର ମୋଟ ୧୮ଟି ବିଭାଗର ଟପ୍ପରଙ୍କ ମଧ୍ୟରେ ୧୩ ଛାତ୍ରୀ ଥିବାବେଳେ ୫ ଛାତ୍ର ଅଛନ୍ତି। ଓଡ଼ିଆ ବିଭାଗରେ ଶତ ପ୍ରତିଶତ ରେଜଲ୍ଟ ହୋଇଛି। ଶିକ୍ଷା, ଭୂଗୋଳ, ରାଜନୀତି ବିଜ୍ଞାନ, ବଟନୀ, ଜୁଲୋଜି, ପଦାର୍ଥ ବିଜ୍ଞାନ, କମ୍ପ୍ୟୁଟର ସାଇନ୍ସ ଏବଂ ପ୍ରାଣୀ ବିଜ୍ଞାନ ବିଭାଗ ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ସଫଳତା ହାସଲ କରିଛି। ଇତିହାସ ବିଭାଗର ସଫଳତା ହାର ୭୯.୫୫ ପ୍ରତିଶତ ରହିଛି। ଭୂଗୋଳରେ ପାସ୍ ହାର ୯୪.୧୨, ସଂସ୍କୃତରେ ୮୧.୨୫, ଅର୍ଥନୀତିରେ ୬୮.୨୯, ଇଂଲିଶରେ ୮୦ ପ୍ରତିଶତ, ଶିକ୍ଷା ବିଭାଗରେ ୯୬.୮୮, ଦର୍ଶନଶାସ୍ତ୍ରରେ ୭୫, ରାଜନୀତି ବିଜ୍ଞାନ ବିଭାଗରେ ୯୭.୯୨ ପ୍ରତିଶତ, ସାମାଜିକ ବିଜ୍ଞାନ ବିଭାଗର ପାସ୍ ହାର ୭୬.୯୨ ପ୍ରତିଶତ ରହିଛି। ସେହିପରି କଳାର ଗଣିତରେ ପାସ ହାର ୮୫.୭୧ ପ୍ରତିଶତ ରହିଛି। ବିଜ୍ଞାନ ଷ୍ଟ୍ରିମ୍‌ର ଫିଜିକ୍ସ ବିଭାଗରେ ପାସ ହାର ୯୨.୫୯ ପ୍ରତିଶତ ରହିଛି। କମ୍ପ୍ୟୁଟର୍ ବିଜ୍ଞାନ ବିଭାଗରେ ୯୦.୬୩, ବଟନିରେ ୯୩.୪୪, ଗଣିତରେ ୮୫.୨୯, କେମେଷ୍ଟ୍ରିରେ ୯୮.୧୧, ଜୁଲୋଜିରେ ୯୪.୫୫ ପ୍ରତିଶତ ପାସ ହାର ରହିଛି। ବାଣିଜ୍ୟ ବିଭାଗରେ ପାସ୍ ହାର ୭୧.୮୪ ପ୍ରତିଶତ ରହିଛି। ବିଭାଗରେ ମୋଟ୍ ୧୭୪ ଜଣ ପରୀକ୍ଷା ଦେଇଥିବାବେଳେ ୪୧ ଜଣ ପ୍ରଥମ ଶ୍ରେଣୀ ଓ ୮୪ ଜଣ ଦ୍ୱିତୀୟ ଶ୍ରେଣୀ ପାସ୍ କରିଛନ୍ତି ବୋଲି ମହାବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ମନୋରଞ୍ଜନ ମିଶ୍ର ସୂଚନା ଦେଇଛନ୍ତି।

ସେହିପରି ସ୍ନାତକୋତ୍ତରରେ ପଦାର୍ଥ ବିଜ୍ଞାନ ବିଭାଗରେ ୧୬ ଜଣ ପରୀକ୍ଷା ଦେଇଥିବାବେଳେ ସମସ୍ତେ ପାସ୍ କରିଛନ୍ତି। ସବ୍ୟସଚୀ ମଇସାଲ ୧୬୧୮ ନମ୍ବର ସହ ୯.୬୨ ସିଜିପିଏ ସ୍କୋର କରି ବିଭାଗର ଟପ୍ପର ହୋଇଛନ୍ତି। ପ୍ରାଣୀ ବିଜ୍ଞାନ ବିଭାଗରେ ଶତପ୍ରତିଶତ ପିଲା ପାସ୍ କରିଥିବା ବେଳେ ସିଲଭା ସାହୁ ୧୮୧୫ ନମ୍ବର ସହ ୮.୯୬ ସିଜିପିଏ ସ୍କୋର କରି ଟପ୍ପର ହୋଇଛନ୍ତି। ଖଣିଜ ଅର୍ଥନୀତିରେ ୧୨ ଜଣଙ୍କ ମଧ୍ୟରୁ ୧୧ ଜଣ ପାସ୍ କରିଛନ୍ତି। ସମୁଦାୟ ୧୪୫୬ ନମ୍ବର ସହ ୭.୯ ସିଜିପିଏ ସ୍କୋର କରି ବିଭାଗୀୟ ଟପ୍ପର ହୋଇଛନ୍ତି ମାନସୀ ବେହେରା। ଓଡ଼ିଆ ବିଭାଗରେ ସମସ୍ତ ୨୯ଜଣ ପାସ୍ କରିଥିବା ବେଳେ ୧୪୨୮ ନମ୍ବର ସହ ୮.୫ ସିଜିପିଏ ସ୍କୋର କରି ବିଭାଗୀୟ ଟପ୍ପର ହୋଇଛନ୍ତି ଅଞ୍ଜନା ସାହୁ। ରାଜନୀତି ବିଜ୍ଞାନରେ ୨୮ ଜଣଙ୍କ ମଧ୍ୟରୁ ୨୭ଜଣ ପାସ୍ କରିଛନ୍ତି। ୧୫୧୭ ନମ୍ବର ସହ ୮.୧୫ ସିଜିପିଏ ସ୍କୋର କରିଥିବା ସୁଚିତ୍ର ଜେନା ବିଭାଗୀୟ ଟପ୍ପର ହୋଇଥିବା ପରୀକ୍ଷା ନିୟନ୍ତ୍ରକ ମିଶ୍ର ସୂଚନା ଦେଇଛନ୍ତି। ଏହି ପରୀକ୍ଷା ଫଳ ପ୍ରକାଶ ସମୟରେ ମହାବିଦ୍ୟାଳୟ ଅଧକ୍ଷଙ୍କ ସମେତ ପରୀକ୍ଷା ନିୟନ୍ତ୍ରକ, ଡେପୁଟି ନିୟନ୍ତ୍ରକ ନୀଳାଞ୍ଚଳ ପଟେଲ, ସୁରେଶ ରାଜହଂସ, ପ୍ରଫେସର ବୀର କିଶୋର ରାଜ ପ୍ରମୁଖ ଉପସ୍ଥିତ ଥିଲେ।

## ତୀର ମାଡ଼ରେ ଜଣେ ଗୁରୁତର



**ପାଲଲହଡ଼ା,୭।୬(ଡି.ଏନ.ଏ.)**

ପାଲଲହଡ଼ା ବ୍ଲକ ଖାରବେଡା ପଞ୍ଚାୟତ ତାଳବାହଳି ଗ୍ରାମରେ କଳହକୁ କେନ୍ଦ୍ର କରି ଗ୍ରାମର ମୋହରା ବଦ୍ରାଙ୍କ ତୀର ମାଡ଼ରେ ପଡ଼ୋଶୀ ଚନ୍ଦ୍ରମଣି ଗୋପ(୬୦) ଗୁରୁତର ହୋଇଛନ୍ତି। ଘଟଣାରୁ ଜଣାପଡ଼ିଛି, ଚନ୍ଦ୍ରମଣି ଓ ମୋହରାଙ୍କ ମଧ୍ୟରେ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ମୋହରା ନିଜ ଘରୁ ଏକ ଧନୁ ତୀର ଆଣି ଚନ୍ଦ୍ରମଣିଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ପରେ ସାଇତା ସମିତିସଭ୍ୟ ନବ କିଶୋର ନାୟକ ଓ ଗ୍ରାମବାସୀଙ୍କ ସହାୟତାରେ ଚନ୍ଦ୍ରମଣିଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଖବରପାଇ ପାଲଲହଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ଏ ନେଇ କୌଣସି ମାମଲା ହୋଇ ନ ଥିବାରୁ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଥିବା ଭାରପ୍ରାପ୍ତ ଥାନା ଅଧିକାରୀ ବିନୋଦ ବିହାରୀ ଗଡ଼ନାୟକ କହିଛନ୍ତି।

## ରିଜର୍ଭ ବ୍ୟାଙ୍କର ବିତ୍ତୀୟ ସାକ୍ଷରତା କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

**ଅନୁଗୋଳ ଅଫିସ, ୭।୬**

ଭାରତୀୟ ରିଜର୍ଭ ବ୍ୟାଙ୍କର ବିତ୍ତୀୟ ସାକ୍ଷରତା ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସାକ୍ଷରତା କାର୍ଯ୍ୟକ୍ରମ ପୁରୁଣାକୋଟ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ରିଜର୍ଭ ବ୍ୟାଙ୍କ ସହାୟକ ମହାପ୍ରବନ୍ଧକ ସୁନୀଲ କୁମାର ଦାସ ଅଧକ୍ଷତା କରି ଗ୍ରାମର କୃଷକ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। କୃଷି ଓ କୃଷକମାନଙ୍କ ପାଇଁ ବ୍ୟାଙ୍କରେ ଥିବା ସମସ୍ତ ସୁବିଧା ସୁଯୋଗ ସମ୍ବନ୍ଧରେ ସେ ଆଲୋକପାତ କରିଥିଲେ। ଠିକ ସମୟରେ ଋଣ ପରିଶୋଧ କଲେ କିପରି ଲାଭ ମିଳିଥାଏ ସେ ସମ୍ପର୍କରେ କହିଥିଲେ। ଏଥିସହ ଏଟିଏମ୍‌ର ବ୍ୟବହାର ଓ ଉପକାର ବିଷୟରେ ବୁଝାଇଥିଲେ। ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ ରଞ୍ଜନ ଦାସ ଠିକ୍ ସମୟରେ ଋଣ ପରିଶୋଧର ଲାଭ ନେବା ପାଇଁ କହିଥିଲେ। ନାବାର୍ଡ ଡିଡିଏମ୍ ଶରତ କୁମାର ବେହେରା କୃଷି ଓ କୃଷକମାନଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର ମହେଶ୍ୱର ଗଉଡ଼ ଠିକ୍ ସମୟରେ କୃଷି ଋଣ ପରିଶୋଧ କଲେ ସୁଧ ଛାଡ଼ ସମ୍ପର୍କରେ ବୁଝାଇଥିଲେ। ପୁରୁଣାକୋଟ ସରପଞ୍ଚ ଅନନ୍ତ ବାସୁଦେବ ମହାନ୍ତି ଏହି ସାକ୍ଷରତା କାର୍ଯ୍ୟକ୍ରମ ଉନ୍ନତିରେ ସହାୟକ ହେବ ବୋଲି କହିଥିଲେ। ଏଫ୍‌ଏଲ୍‌ସି ପ୍ରମୋଦ କୁମାର ମିଶ୍ର, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ ଉପସ୍ଥିତ ଥିଲେ।

## ପଞ୍ଚାୟତ ବୁଲିଲେ, ଲୋକଙ୍କ ସମସ୍ୟା ବୁଝିଲେ

**ଛେଣ୍ଡିପଦା,୭।୬(ଡି.ଏନ.ଏ.)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ଶୁକ୍ରବାର ଛେଣ୍ଡିପଦା ବ୍ଲକ ଜରପଡା ଜିଲା ପରିଷଦ ଜୋନ ଅନ୍ତର୍ଗତ ଓଗୀ ଏବଂ ପରା ପଞ୍ଚାୟତ ଗସ୍ତ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ଏହି ଅବସରରେ ପ୍ରତ୍ୟେକ ସମସ୍ୟାର ସ୍ଥାୟୀ ପ୍ରତିକାର କରାଯିବ ବୋଲି ବିଧାୟକ ବେହେରା ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିଧାୟକ ଉଭୟ ପଞ୍ଚାୟତର ସମସ୍ତ ଗ୍ରାମ ସାହି, ବସ୍ତି ପରିଦର୍ଶନ କରିଥିଲେ। ଏଥିରେ ଯୁବନେତା ପଞ୍ଚୁନାଥ ପ୍ରଧାନ, ସୁଶାନ୍ତ ପ୍ରଧାନ, ପ୍ରଦ୍ୟୁମ୍ନ ବେହେରା, ହେମନ୍ତ ସାହୁ, ପଦ୍ମଚରଣ ସାହୁ, ଚୈତନ୍ୟ ସାହୁ, ବେଣୁଧର ପ୍ରଧାନ, ବୈକୁଣ୍ଠ ପ୍ରଧାନ, ବାଲିଆ ପ୍ରଧାନ, ସନାତନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କୋରଡା, କୁଶକିଳା, ବରପଦା ପଞ୍ଚାୟତ ସମେତ ଟେଣ୍ଟୁଲୋଇ ଏବଂ କୁଇଓ ଜାମୁନାଳୀ ଆଦି ପଞ୍ଚାୟତ ଗସ୍ତରେ ଯାଇ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ତଥା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ସାହି ସମସ୍ୟା ନେଇ ଜିଲାପାଳଙ୍କୁ ଅଭିଯୋଗ



ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ସାହିବାସୀ।

**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ଜିଲା ରନ୍ତଲେଇ ମୌଜା ୨ ନମ୍ବର ୱାର୍ଡରେ ଡ୍ରେନ ନ ଥିବାରୁ ଆବର୍ଜନା ଓ ବର୍ଷା ପାଣି ରାସ୍ତା ଉପରେ ଜମା ହେଉଛି। ଏଥିଯୋଗୁ ସାହିରେ ଏକ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଲୋକମାନେ ପଙ୍କ କାଦୁଅରେ ପଶି ଯିବା ଆସିବା କରୁଛନ୍ତି। ୩ ବର୍ଷ ହେବ ଏପରି ଅସୁବିଧା ଲୋକେ ଭୋଗୁଥିବାରୁ ଏହାର ସମାଧାନ ପାଇଁ ଶୁକ୍ରବାର ସାହିବାସୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଲୋକେ ଦର୍ଶାଇଛନ୍ତି ଯେ, ସାହିରେ ୨୨ ପରିବାର ଶହେ ଲୋକ ଅସ୍ୱାସ୍ଥ୍ୟକର ପରିବେଶରେ ଅଛନ୍ତି। ଏହି କାରଣରୁ ଗତ ଏପ୍ରିଲରେ ଝାଡ଼ାବାନ୍ତି ବ୍ୟାପିଥିଲା। ଏଥିରେ ହରମୋହନ ନାଏକଙ୍କ ସ୍ତ୍ରୀ ନିଦ୍ରାବତୀ ନାଏକଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ୧୫ ଜଣ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସମସ୍ୟାର ସମାଧାନ ପାଇଁ ବାରମ୍ବାର ଦାବି ସତ୍ତ୍ୱେ ସମାଧାନ ହେଉ ନାହିଁ। ଆଗକୁ ବର୍ଷା ଦିନ ଆସୁଥିବାରୁ ବିଭିନ୍ନ ରୋଗ ବ୍ୟାପିବ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବିକାଶ ରଞ୍ଜନ ନାଏକ, ସଞ୍ଜୟ ନାଏକ, ଜିତେନ୍ଦ୍ର ନାଏକ, ମାନସ ନାଏକ, ଦୁର୍ଯ୍ୟୋଧନ ନାଏକ ପ୍ରମୁଖ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ସମସ୍ୟା ସମ୍ପର୍କରେ ଅନୁଗୋଳ ତହସିଲଦାର ବିଚିତ୍ରାନନ୍ଦ ନାୟକ କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶ ପରେ ବିଡିଓଙ୍କ ସହ କଥା ହୋଇଛି। ପ୍ରଥମେ ରାସ୍ତାରେ ପଡ଼ିଥିବା ପଙ୍କ କାଦୁଅ ଉଠାଯିବ। ଏହାପରେ ରାସ୍ତାକୁ ଉଚ୍ଚା କରାଯିବ ବୋଲି ସେ କହିଛନ୍ତି।

■ତେଲ ଗୋଦାମରେ ଚଢ଼ାଉ

## ପରୀକ୍ଷା ପାଇଁ ପଠାଗଲା ନମୁନା



**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ସହର ଉପକଣ୍ଠରେ ଥିବା ଏକ ତେଲ ଗୋଦାମରେ ଅପମିଶ୍ରିତ କାରବାର ହେଉଥିବା ସନ୍ଦେହ କରି ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଛି। ଉକ୍ତ ଗୋଦାମକୁ ପ୍ରଶାସନ ନିଜ ହେପାଜତକୁ ନେଇଥିବା ବେଳେ ପରୀକ୍ଷା ପାଇଁ ତେଲର ନମୁନା ପଠାଯାଇଛି। ଯଦି ତେଲ ଅପମିଶ୍ରିତ ହେଉଥିବା ରିପୋର୍ଟ ଆସେ ତା'ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ବାସୁଦେବ ଶତପଥୀ ସୂଚନା ଦେଇଛନ୍ତି।

ଅନୁଗୋଳ ପଞ୍ଚମହଲାରୁ ଶରଧାପୁର ଯିବା ରାସ୍ତାରେ ଏକ ଘରେ ଏହି ଗୋଦାମ ଚାଲିଥିବା ପ୍ରଶାସନକୁ ସୂଚନା ମିଳିଥିଲା। ଏହାପରେ ପ୍ରଶାସନ ପକ୍ଷରୁ ଉପଜିଲାପାଳଙ୍କ ନେତୃତ୍ୱରେ ଯୋଗାଣ ବିଭାଗ ଅଧିକାରୀ, ଓଜନ ଓ ମାନଦଣ୍ଡ ଇନ୍ସପେକ୍ଟର, ପୋଲିସ ଘଟଣାସ୍ଥଳରେ ଚଢ଼ାଉ କରିଥିଲେ। ଏହି ସମୟରେ ଜନୈକ ବ୍ୟକ୍ତିଙ୍କ ଘରେ ୧୫ ଶହ ଟନ୍ ରିଫାଇନ ତେଲ ଥିବା ପ୍ରଶାସନ ଦେଖିବାକୁ ପାଇଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ସଫେଇ ଦେଇଛନ୍ତି ଯେ, କଲିକତାରୁ ଟ୍ୟାଙ୍କର ଯୋଗେ ପ୍ରଥମ ଥର ରିଫାଇନ ତେଲ ବ୍ୟବସାୟ ପାଇଁ ଆଣିଥିଲେ। ଏହା କୌଣସି ଅପମିଶ୍ରିତ ହୋଇ ନ ଥିବା ସେ କହିଛନ୍ତି। ଘଟଣାସ୍ଥଳକୁ ଜିଲାପାଳଙ୍କ ନିର୍ଦ୍ଦେଶରେ ଯାଇଥିବା ଉପଜିଲାପାଳ ଶତପଥୀ କହିଛନ୍ତି, ତେଲରେ ଅପମିଶ୍ରଣ ନେଇ ପୂର୍ବରୁ ବହୁବାର ଅଭିଯୋଗ ହୋଇ ଆସୁଥିଲା। ତେଣୁ ଉକ୍ତ ଗୋଦାମ ଉପରେ ଗୋପନୀୟ ଭାବେ ନଜର ରଖାଯାଇଥିଲା। ତେଲ ଆସିବା ପରେ ଖବର ପାଇ ଶୁକ୍ରବାର ଚଢ଼ାଉ ହୋଇଛି। ପରୀକ୍ଷା ପରେ ଏହା ସ୍ୱଚ୍ଛ କି ଅପମିଶ୍ରିତ ତାହା ସ୍ପଷ୍ଟ ହେବ।

■ଜିଲା ଏଡ୍‌ସ ନିବାରଣ ଓ ନିୟନ୍ତ୍ରଣ କମିଟି ବୈଠକ

## ୨୦୧୮-୧୯ରେ ଗଲାଣି ୪ ଜୀବନ

**ଅନୁଗୋଳ ଅଫିସ, ୭।୬**

ଜିଲା ଏଡ୍‌ସ ନିବାରଣ ଓ ନିୟନ୍ତ୍ରଣ କମିଟି ବୈଠକ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାରେ ଏଡ୍‌ସ ରୋଗର ଭୟାବହତା ଦୃଷ୍ଟିରୁ ଏହାର ନିୟନ୍ତ୍ରଣ ପାଇଁ ବ୍ୟାପକ ଜନସଚେତନତା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ସେହିପରି ଚିକିତ୍ସିତ ବ୍ୟକ୍ତିମାନେ ଯେପରି ଅଧାରୁ ଚିକିତ୍ସା ନ ଛାଡ଼ନ୍ତି ସେଥିପାଇଁ ବିଭାଗୀୟ ଅଧିକାରୀ ସଜାଗ ରହିବାକୁ ସେ ପରାମର୍ଶ ଦେଇଥିଲେ।

ଶିଳ୍ପ ସଂସ୍ଥା ଗୁଡ଼ିକର ପାରିପାର୍ଶ୍ୱିକ ଅଞ୍ଚଳରେ ଟ୍ରକ୍ ଚାଳକ ଓ ହେଲପରମାନଙ୍କୁ ନେଇ ନିୟମିତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାଛଡ଼ା କିନ୍ନରମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ସେହିପରି ଆକ୍ରାନ୍ତଙ୍କ ପାଇଁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ଥିବା ୮ଟି ଆଇସିଟିସିରେ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରିବା ପାଇଁ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଛି। ଜିଲା ଏଡ୍‌ସ ନିରାକରଣ ଓ ନିୟନ୍ତ୍ରଣ ୟୁନିଟ୍‌ରେ ଚାଲୁଥିବା କୁଲରଗୁଡ଼ିକ ପାଇଁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବ୍ୟବସ୍ଥା କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ୮ଟି ଆଇସିଟିସି ମଧ୍ୟରୁ ଲାବୋରୋଟୋରୀ ଟେକ୍ନିସିଆନ ନ ଥିବା ୫ଟିରେ ଜିଲା ଖଣିଜ ପାଣ୍ଠିରୁ ଟେକ୍ନିସିଆନ ନିୟୋଜିତ କରାଯିବ। ଡିପିଏମ୍ ଜିଲା ଏଡ୍‌ସ ନିବାରଣ ଡା. ପ୍ରମିଳା ହୋତା ଜିଲାରେ ଏଡ୍‌ସ ରୋଗ ସମ୍ପର୍କରେ ପ୍ରସ୍ତୁତ ହୋଇଥିବା ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ୨୦୦୩ ଠାରୁ ବର୍ତ୍ତମାନ ସୁଦ୍ଧା ଏଡ୍‌ସରେ ୩୮୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୧୮-୧୯ ଏପ୍ରିଲ ସୁଦ୍ଧା ୪ ଜଣ ପ୍ରାଣ ହରାଇଛନ୍ତି। ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା ୧୮୫୩ ଜଣଙ୍କଠାରେ ଏଡ୍‌ସ୍ ଭୂତାଣୁ ଥିବା ପରୀକ୍ଷାରୁ ଜଣାପଡ଼ିଛି। ପ୍ରାରମ୍ଭରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରତାପ କୁମାର ବେହେରା ଏହି ରୋଗର ଭୟାବହତା ଓ ନିୟନ୍ତ୍ରଣ ଉପରେ ଆଲୋକପାତ କରିଥିଲେ। ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ପରିବର୍ତ୍ତିତ ଜାତୀୟ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଏଆରଟି ସେଣ୍ଟରର ଏସ୍‌ଏମ୍‌ଓ ଡା. ଶାଶ୍ୱତ ସାଗର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଜେଏସ୍‌ପିଏଲର ଜିଏମ୍ (ସିଏସ୍ଆର୍) ପୁଷ୍ପଲତା ଶତପଥୀ, ଡିପିଏମ୍‌ଏନ୍‌ଏଚଏମ୍ ବିଶ୍ୱରଞ୍ଜନ ରଥ, ଦି ମେଡିକ୍ସର ଡା. ଦିଲୀପ ସାହୁ, ବିଭିନ୍ନ ବିଭାଗର ଡାକ୍ତର, ଶିଳ୍ପ ସଂସ୍ଥାର କର୍ମକର୍ତ୍ତା, ସାମାଜିକ କର୍ମୀ ଓ ବିଭିନ୍ନ ବିଭାଗର ଜିଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଧରିତ୍ରୀ
DHARITRI
ଢେଙ୍କାନାଳ, ଶନିବାର,୮ ଜୁନ, ୨୦୧୯



## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯ୍ୟାତନା, ସ୍ୱାମୀ ଗିରଫ

**ଭୁବନ, ୭।୬(ଡି.ଏନ.ଏ.):** ସ୍ତ୍ରୀଙ୍କୁ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଭୁବନ ଥାନା ପୋଲିସ ସୁରପ୍ରତାପପୁର ଗ୍ରାମର ଦିଲୀପ ମାଝି (୨୭)ଙ୍କୁ ଗିରଫ କରିଛି। ଏ ନେଇ ପୀଡ଼ିତା ଯମୁନା ମାଝି (୨୫)ଙ୍କ ଅଭିଯୋଗକ୍ରମେ ନଂ. ୧୨୧/୧୯, ଦଫା ୪୯୮(ଏ) ୫୦୬, ୨୯୪, ୩୦୭ରେ ମାମଲା ରୁଜୁ କରାଯାଇଛି। ଯୌତୁକ ଦାବି କରି ଦିଲୀପ ସ୍ତ୍ରୀଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗରେ ଦର୍ଶାଯାଇଛି।

### ଅଟୋରିକ୍ସା ଓଲଟି ୩ ଗୁରୁତର

**ଢେଙ୍କାନାଳ ଅଫିସ, ୭।୬:** ଢେଙ୍କାନାଳ ସଦର ଥାନା ଛାଟିଆ ଗ୍ରାମ ନିକଟରେ ଶୁକ୍ରବାର ପୂର୍ବାହ୍ନରେ ଏକ ଅଟୋରିକ୍ସା ଦୁର୍ଘଟଣାଗ୍ରସ୍ତ ହୋଇ ଓଲଟିପଡ଼ିଛି। ଏଥିରେ ଡ୍ରାଇଭରଙ୍କ ସମେତ ୩ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚାଳକ ଏସ୍.କେ. ତନୱୀରୀ, ଅନସୂୟା ନାୟକ, ଅହଲ୍ୟା ନାୟକ। ସମସ୍ତଙ୍କୁ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଉକ୍ତ ଅଟୋରିକ୍ସା ଗୁଣ୍ଡିଚାପଡ଼ାରୁ ଇନ୍ଦିପୁର ଯାଉଥିବାବେଳେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

### କନଷ୍ଟେବଲସ୍ତରରେ ଅଦଳବଦଳ

**ଅନୁଗୋଳ ଅଫିସ, ୭।୬:** ଅନୁଗୋଳ ପୋଲିସ ପକ୍ଷରୁ ୧୮ ଜଣ କନଷ୍ଟେବଲଙ୍କ ଅଦଳବଦଳ କରାଯାଇଛି। ଏ ନେଇ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ନେତୃତ୍ୱରେ ଏକ ବୈଠକ ବସିଥିଲା। ଜିଲାରେ ଥିବା ବିଭିନ୍ନ ଥାନାର ୧୮ ଜଣ କନଷ୍ଟେବଲଙ୍କ ଅଦଳବଦଳ କରାଯାଇଛି।

### ବାଦ୍ୟ ବାଜଣାରେ ପ୍ରକମ୍ପିତ ହେଲା ଶୈବପୀଠ

**ବଅଁରପାଳ, ୭।୬(ଡି.ଏନ.ଏ)** ବଅଁରପାଳ ବ୍ଲକ କାଣ୍ଡସର ଗ୍ରାମ କପିଳେଶ୍ୱର ମନ୍ଦିରରେ ଶୁକ୍ରବାର ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶ୍ରୀକାନ୍ତ ସାହୁ ଓ ସୁନିତା ସାହୁ ବର ମାତାପିତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ କନ୍ୟା ମାତାପିତା ଭାବେ ଲୋକନାଥ ନନ୍ଦ ଏବଂ ଜ୍ୟୋତିର୍ମୟୀ ନନ୍ଦ ବିବାହ ସମ୍ପନ୍ନ କରାଇଥିଲେ। ଏହି ଅବସରରେ ଠାକୁରଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ମନ୍ଦିରକୁ ଅଣାଯାଇଥିଲା। ଘଣ୍ଟବାଦ୍ୟ, ଲଉଡ଼ି ଖେଳ, ନାମ ସଂକୀର୍ତ୍ତନ ସହ ବିଭିନ୍ନ ବାଦ୍ୟନୃତ୍ୟ ପରିବେଷଣ ହୋଇଥିଲା। ମନ୍ଦିର କମିଟି ସଭାପତି ନକୁଳ ପ୍ରଧାନ, ସମ୍ପାଦକ ସୁନୀଲ ପ୍ରଧାନ, ଉପଦେଷ୍ଟା ପ୍ରଶାନ୍ତ ପ୍ରଧାନ, ସହ ସମ୍ପାଦକ ଶିବରାମ ସାହୁ, କପିଳେଶ୍ୱର ସାହୁ, ପ୍ରତାପ ପ୍ରଧାନ, ରଞ୍ଜନ ନାଏକ, କପିଳେଶ୍ୱର ମନ୍ଦିରର ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ବିବାହ ସମ୍ପନ୍ନ

# ରୋଶଣିରେ କମ୍ପିଲା ଦେଓଗାଁ

**ଢେଙ୍କାନାଳ ଅଫିସ, ୭।୬**

ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି ଢେଙ୍କାନାଳର ଜିଲାର ପ୍ରମୁଖ ଶୈବପୀଠ। ବାଜାବାଣ, ରୋଶଣି ସାଙ୍ଗକୁ ଶିବସ୍ତୋତ୍ରରେ ପରିବେଶ ମୁଖରିତ ହୋଇଉଠିଥିବାବେଳେ ଦେବଦମ୍ପତିଙ୍କ ବିବାହରେ ସାମିଲ ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ।

କପିଳାସ କ୍ଷେତ୍ରାଧିପତି ଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ବିବାହ ଉତ୍ସବ ପାରମ୍ପରିକ ନୀତି ଅନୁଯାୟୀ ଶୁକ୍ରବାର ସମ୍ପନ୍ନ ହୋଇଛି। ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା କପିଳାସ ପାଦଦେଶରେ ଥିବା ଶିବସାଗରରୁ ବାହାରି ମା' ପାର୍ବତୀଙ୍କ ମନ୍ଦିରରେ ପହଞ୍ଚିଥିଲା। ଘଣ୍ଟଘଣ୍ଟା, ସଂକୀର୍ତ୍ତନ, ଶଙ୍ଖଧ୍ୱନି ସାଙ୍ଗକୁ ହରହର ମହାଦେବ ଧ୍ୱନିରେ ଦେଓଗାଁ ପରିବେଶ କମ୍ପିଉଠିଥିଲା। ସୁସଜ୍ଜିତ ବିମାନ ସାଙ୍ଗକୁ ଆଲୋକମାଳା ଶୋଭାଯାତ୍ରାର ପ୍ରମୁଖ ଆକର୍ଷଣ ପାଲଟିଥିଲା। ଯଥାବିଧି ପୂଜାର୍ଚ୍ଚନା ପରେ ଦେବଦମ୍ପତିଙ୍କ ବିବାହ ଶେଷହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ସମସ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା କରାଯାଇଥିଲା।


ସୋମନାଥଶ୍ୱରଙ୍କ ମନ୍ଦିରରେ ଶିବ ବିବାହ।

ସେହିପରି ମୁକ୍ତଦେଇପୁର ଶାସନର ଆରାଧ୍ୟ ଦେବତା ଶ୍ରୀ ସୋମନାଥଶ୍ୱରଙ୍କ ବିବାହ ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ସୂର୍ଯ୍ୟପୂଜା, ରୁଦ୍ରାଭିଷେକ ଯଥାବିଧି କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ବିବାହ ଉତ୍ସବରେ ମା' ପାର୍ବତୀ, ମହାପ୍ରଭୁ ସୋମନାଥଶ୍ୱର, ଶ୍ରୀକୃଷ୍ଣଙ୍କ ଚଳନ୍ତି ବିଗ୍ରହକୁ ବିମାନ, ବୃଷଭ ଉପରେ ବିରାଜମାନ କରାଯାଇ ମଣ୍ଡପକୁ ଅଣାଯାଇଥିଲା। ମୁକ୍ତଦେଇପୁର ଶାସନ ମହାଜନ ମହସଭା ସଭାପତି ଶଶିମୌଳି ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଜଗନ୍ନାଥ ତ୍ରିପାଠୀ ବିବାହ କାର୍ଯ୍ୟ ସମ୍ପାଦନ କରିଥିବାବେଳେ ରାମେଶ୍ୱର ମିଶ୍ର, ମୁରଲି ପାଣି, ଶିବସାଇ ମହାପାତ୍ର ଏଥିରେ ସହଯୋଗ କରିଥିଲେ। ଆୟୋଜିତ ପ୍ରସାଦ ସେବନ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ।

## ଦୁଇ ମାସରେ ୩୬ ଖଣି ନିଲାମ : ମନ୍ତ୍ରୀ

■୪ଟିର ନିଲାମୀ ପ୍ରକ୍ରିୟା ଆରମ୍ଭ

■ଖଣି ରାଜସ୍ୱ ୭୦.୯୨%କୁ ବୃଦ୍ଧି

**ଭୁବନେଶ୍ୱର,୭।୬(ବ୍ୟୁରୋ)**

ଆଗାମୀ ଦୁଇ ମାସ ମଧ୍ୟରେ ରାଜ୍ୟର ପ୍ରାୟ ୩୬ଟି ଖଣି ନିଲାମ ହେବ। ରାଜ୍ୟ ସରକାର ବର୍ତ୍ତମାନ ସୁଦ୍ଧା ୪ଟି ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ କରିସାରିଛନ୍ତି। ଏହିପରି ଭାବେ ମୋଟ ୪୦ ଖଣିର ନିଲାମ ନେଇ ନିଷ୍ପତ୍ତି ହୋଇଥିବା ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ବିଭାଗ ପକ୍ଷରୁ ଶୁକ୍ରବାର ସଚିବାଳୟରେ ହୋଇଥିବା ସମୀକ୍ଷା ବୈଠକ ପରେ ମନ୍ତ୍ରୀ ମଲ୍ଲିକ ଏହି ସୂଚନା ଦେଇଛନ୍ତି। ପ୍ରଫୁଲ୍ଲ କହିଛନ୍ତି ଯେ, ଆଗାମୀ ଦିନରେ ମୋଟ ୪୦ଟି ଖଣି ନିଲାମ କରାଯିବାର କାର୍ଯ୍ୟକ୍ରମ ରହିଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଖଣିଜାତ ଦ୍ରବ୍ୟରୁ ସଂଗୃହୀତ ରାଜସ୍ୱର ପରିମାଣ ୭୦.୯୨% ଅର୍ଥାତ ୧୦,୪୭୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଓଡ଼ିଶା ଖଣି ନିଗମ(ଓଏମ୍‌ସି) ଆଗାମୀ ବର୍ଷରେ ୨୦ ମିଲିୟନ ଟନ୍ ଆଇରନ ଓର(ଲୁହାପଥର )ବ୍ୟବସାୟର ଲକ୍ଷ୍ୟ ରଖିଛି। ଗତବର୍ଷ ଓଏମ୍‌ସି ୧୬ ମିଲିୟନ ଟନ୍ ଆଇରନ ବ୍ୟବସାୟ କରିଥିବା ମନ୍ତ୍ରୀ ମଲ୍ଲିକ କହିଛନ୍ତି।

## ଆଞ୍ଚଳିକ ରଜ ମହୋତ୍ସବ ଅଡିଶନ


ରଜ କୁଇନ ଅଡିଶନ ଲାଗି ଆସିଥିବା ପ୍ରତିଯୋଗୀମାନେ।

**ଢେଙ୍କାନାଳ ଅଫିସ, ୭।୬**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମିନି ଷ୍ଟାଡିୟମ୍‌ରେ ଚଳିତ ୧୪ ତାରିଖରୁ ଦୁଇଦିନ ଧରି ଆୟୋଜିତ ହେଉଛି ଆଞ୍ଚଳିକ ରଜ ମହୋତ୍ସବ। ଏହି ପରିପ୍ରେକ୍ଷୀରେ ଏହାର ପ୍ରଥମ ଅଡିଶନ ଶୁକ୍ରବାର ଦେଓଗାଁ ସରକାରୀ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ପୋରୁହଖୋଜ ସରପଞ୍ଚ ଶୁଭଦର୍ଶିନୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ରଜ କୁଇନ୍, ନୃତ୍ୟଗୀତ, ମେହେନ୍ଦି, ରଙ୍ଗୋଲି, ହୁଳହୁଳି ପ୍ରତିଯୋଗିତା ପାଇଁ ଅଡିଶନ କରାଯାଇଥିଲା। ପୂର୍ବତନ ପ୍ରଧାନ ଶିକ୍ଷକ ଦଣ୍ଡଧର ସାହୁ, ନୃତ୍ୟଗୁରୁ ସମୀର ବିଶ୍ୱାଳ, ପ୍ରଧାନ ଶିକ୍ଷକ ହରିହର ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ପରିଚାଳନା ପରିଷଦ ସଭାପତି ଗଙ୍ଗାଧର ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ହରେକୃଷ୍ଣ ସାହୁ, ପ୍ରକାଶ ଚନ୍ଦ୍ର ସେଠୀ, ବାଇଧର ପତି ଏଥିରେ ସହଯୋଗ କରିଥିଲେ। ଶନିବାର କପିଳାସ କଲେଜରେ ୨ୟ ଅଡ଼ିଶନ, ରବିବାର ଯୋରନ୍ଦା ମହିମା କଲେଜରେ ୩ୟ ଅଡ଼ିଶନ ଏବଂ ୧୧ ତାରିଖରେ ପିଙ୍ଗୁଆ ଡିଗ୍ରୀ କଲେଜରେ ୪ର୍ଥ ଅଡିଶନ ଅନୁଷ୍ଠିତ ହେବ। ସମସ୍ତ ସ୍ଥାନରେ ସକାଳ ୭ଟାରୁ ଅଡିଶନ କରାଯିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଅଷ୍ଟମ ଦ୍ୱିବାର୍ଷିକ ସାଧାରଣ ବୈଠକ




**ତାଳଚେର,୭।୬(ନି.ପ୍ର)**

ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସ ତାଳଚେର ଶାଖାର ଅଷ୍ଟମ ଦ୍ୱିବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ସିନିୟର ସେକ୍ସନ ଇଞ୍ଜିନିୟର ଡି.ପି.ମିଶ୍ରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏସ୍.କେ. ଦାସ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଶାଖା ଉପସଭାପତି ଏସ୍.କେ. ଶତପଥୀଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ତାଳଚେର ଶାଖାର କୋଷାଧ୍ୟକ୍ଷ ବି. ୟାସାନନ୍ଦ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ। ଶାଖା ସମ୍ପାଦକ ସୌଭାଗ୍ୟ କୁମାର ପରିଡ଼ା ସମସ୍ତ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକର୍ତ୍ତା କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ଏସ୍.କେ. ଦାସ, ଉପସଭାପତି ଭାବେ କମଳ ଲୋଚନ ପରିଡ଼ା, ସମ୍ପାଦକ ସୌଭାଗ୍ୟ କୁମାର ପରିଡ଼ା ମନୋନୀତ ହୋଇଥିଲେ। ସମସ୍ତ କର୍ମଚାରୀଙ୍କ ପାଇଁ ନୂତନ କ୍ୱାର୍ଟର୍ସ ନିର୍ମାଣ, ପାନୀୟଜଳ ସୁବିଧା, ଘରୋଇ ମେଡିକାଲକୁ ରେଫେରାଲ ବ୍ୟବସ୍ଥା ଆଦି ଅନେକ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା।

## କୃଷକ ସଚେତନତା କାର୍ଯ୍ୟକ୍ରମ

**ଛେଣ୍ଡିପଦା,୭।୬(ଡି.ଏନ.ଏ)**

ଛେଣ୍ଡିପଦା ବ୍ଲକ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଶୁକ୍ରବାର କୋରଡା ପଞ୍ଚାୟତ ପୁଟଗାଡିଆ ଗ୍ରାମ କୋଠଘରଠାରେ ଏକ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସହକାରୀ କୃଷି ଅଧିକାରୀ ବିନୋଦ କୁମାର ଦଳେଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ରବି ଜାତୀୟ ଫସଲ, ଡାଲି ଜାତୀୟ ଫସଲ ସାଙ୍ଗକୁ ଖରିଫ ଧାନ ଚାଷ ଆଦି ଉପରେ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ମୁଖ୍ୟଅତିଥି ଭାବେ ବିଧାୟକ ସୁଶାନ୍ତ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ସାହୁ, ସହକାରୀ କୃଷି ଅଧିକାରୀ ଚିନ୍ମୟୀ ରାୟଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପଞ୍ଚାୟତର ସମସ୍ତ ଚାଷୀ ଯୋଗ ଦେଇଥିଲେ।

## ଫଟୋରେ ଖବର


ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଓଡ଼ିଆ ଯବାନ ମନୋଜ କୁମାର ବେହେରା ଏବଂ ପ୍ରସନ୍ନ କୁମାର ସାହୁଙ୍କ ପରିବାରକୁ ତାଳଚେରସ୍ଥିତ ଗ୍ଲୋବାଲ କୋଲ ଆଣ୍ଡ ମାଇନିଂ କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।


ଶିବ-ପାର୍ବତୀଙ୍କ ବିବାହ ଉପଲକ୍ଷେ ଅନୁଗୋଳ ହେମସୁରପଡ଼ା ଶିବ ମନ୍ଦିରରୁ ବାହାରି ଥିବା ଶୋଭାଯାତ୍ରା ଶିକ୍ଷକପଡ଼ାକୁ ଯାଉଛି।

## ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**କଣିହାଁ/ପବିତ୍ରନଗର, ୭।୬ (ଡି.ଏନ.ଏ.)**

କଣିହାଁ ପଞ୍ଚାୟତ ସମିତି ପବିତ୍ର ମୋହନ ସଭାଗୃହରେ ଶୁକ୍ରବାର ପାଲଲହଡ଼ା ବିଧାୟକ ମୁକେଶ ପାଲ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ତାଳଚେର ଉପଜିଲାପାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ଗୁରୁତ୍ୱଦେଇ କାର୍ଯ୍ୟ କଲେ ଜନସାଧାରଣ ଉପକୃତ ହେବେ। ଏଥିପ୍ରତି ସମସ୍ତେ ସମୟାନୁବର୍ତ୍ତିତା ହୋଇ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ବିଧାୟକ ପରାମର୍ଶ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ସ୍ୱାସ୍ଥ୍ୟ ପରିମଳ, ବିଦ୍ୟୁତ୍, ଖାଦ୍ୟ ସୁରକ୍ଷା, ବିଭିନ୍ନ ଭତ୍ତା, ବାସଗୃହ ଯୋଜନା, ପରିବେଶ ସୁରକ୍ଷା, ପ୍ରାଣୀ ସମ୍ପଦ ବିକାଶ, ବିଜୁ ସେତୁ ଯୋଜନା, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ ଆଦି ଉପରେ ସମୀକ୍ଷା କରାଯାଇଥିଲା। ସେହିପରି ବକେୟା ପଡିଥିବା କାର୍ଯ୍ୟକୁ ଖୁବଶୀଘ୍ର ତ୍ୱରାନିତ୍ୱ କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ କଣିହାଁ ପଞ୍ଚାୟତ ସମିତି ଓ ତହସିଲର ସମସ୍ତ କର୍ମଚାରୀଙ୍କୁ ନେଇ ପୁନଃସମୀକ୍ଷା କାର୍ଯ୍ୟ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ବ୍ଲକ ଅଧକ୍ଷା ନମିତା ସାହୁ, ତହସିଲଦାର ଅଂଶୁମାନ ଶତପଥୀ, ବିଡିଓ ରମେଶ କୁମାର ଜେନା, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ ଯୋଗଦେଇଥିଲେ। ସେହିପରି କଣିହାଁ ବ୍ଲକ ସମଲ ବ୍ୟାରେଜ ଡାକବଙ୍ଗଳାଠାରେ ବିଧାୟକ ପାଲ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀ କରିଥିଲେ। ପାଲଲହଡ଼ାକୁ ଏକ ମଡେଲ ତଥା ଆଦର୍ଶ ବିଧାନସଭା କ୍ଷେତ୍ର ଭାବେ ପରିଣତ କରାଯିବ ବୋଲି ସେ କହିଥିଲେ। ସେହିପରି ଅଞ୍ଚଳରେ ଲାଗି ରହିଥିବା ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସମସ୍ୟାକୁ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ବିଧାୟକ କହିଥିଲେ। କଣିହାଁ ବ୍ଲକ ବିଜେଡି ସଭାପତି କୈଳାସ ଚନ୍ଦ୍ର ସାହୁ, ହୀମାଞ୍ଚଳ ପଣ୍ଡା, ପ୍ରହଲ୍ଲାଦ ପ୍ରଧାନ ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

■ମା'ପାର୍ବତୀଙ୍କ ହାତ ଧରିଲେ ମହାଦେବ

# ଶୈବପୀଠ ଉତ୍ସବମୁଖର


ଭୁବନ କାଶୀବିଶ୍ୱନାଥ ମନ୍ଦିରରେ ମହାପ୍ରଭୁ ଶିବଙ୍କ ବିବାହ କାର୍ଯ୍ୟ ଚାଲିଛି।


ପରଜଙ୍ଗରେ ଠାକୁରଙ୍କୁ ଶୋଭାଯାତ୍ରାରେ ପରିକ୍ରମା କରାଯାଉଛି।

**ଭୁବନ/ପରଜଙ୍ଗ, ୭।୬(ଡି.ଏନ୍.ଏ.)**

ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ପାଇଁ ଉତ୍ସବମୁଖର ହୋଇଉଠିଛି ଭୁବନର ପ୍ରସିଦ୍ଧ ବୁଢ଼େଶ୍ୱର ଶୈବପୀଠ। ନୀତିରୀତି ଅନୁଯାୟୀ ଶୁକ୍ରବାର ରାତିରେ ସମ୍ପନ୍ନ ହୋଇଛି ଦେବଦମ୍ପତିଙ୍କ ବିବାହ। ବାଜାବାଣ ରୋଶଣିରେ ମହାଦେବଙ୍କ ପଟୁଆର ନଗର ପରିକ୍ରମା କରିଥିବାବେଳେ ଏହାକୁ ନେଇ ସହରରେ ସୃଷ୍ଟି ହୋଇଥିବା ଭାବମୟ ପରିବେଶ।

ବୁଢ଼େଶ୍ୱର ମହାଦେବଙ୍କ ପୀଠରେ ପରମ୍ପରା ଅନୁଯାୟୀ, ନିର୍ବନ୍ଧ, ମଙ୍ଗଳପାକ ଉତ୍ସବ ହୋଇଥିଲା। ସକାଳ ସମୟରେ ଠାକୁରଙ୍କ ଚଳନ୍ତି ବିଗ୍ରହକୁ ପାଲିଙ୍କି ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା। ସନ୍ଧ୍ୟା ପରେ ହୋମଯଜ୍ଞ ସହ ମା' ପାର୍ବତୀଙ୍କ ସହ ବିବାହ ସମ୍ପନ୍ନ ହୋଇଥିଲା। କ୍ଷମାନିଧି ପାତ୍ର, ସରୋଜିନୀ ପାତ୍ର ଏବଂ ଅନ୍ନପୂର୍ଣ୍ଣା ସାହୁ, ମହେନ୍ଦ୍ର ସାହୁ ଯଥାକ୍ରମେ ବରମାତାପିତା ଏବଂ କନ୍ୟା ମାତାପିତା ଦାୟିତ୍ୱ ତୁଲାଇଥିଲେ। ରୋଶଣିରେ ହଜାର ହଜାର ଅଞ୍ଚଳବାସୀ ସାମିଲ ହୋଇଥିଲେ। ପ୍ରତିସାହିରେ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ବନ୍ଦାପନା କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଥିଲା। କାଶୀବିଶ୍ୱନାଥ ମନ୍ଦିରରେ ପଦ୍ମାବତୀ ପାତ୍ର, କୈଳାସ ପାତ୍ର, ନଳିନୀ ଦାସ, ଶରତ ଦାସଙ୍କ ତତ୍ତ୍ୱାବଧାନରେ ଶିବପାର୍ବତୀଙ୍କ ବିବାହ ସମ୍ପନ୍ନ ହୋଇଛି। ଭୁବନେଶ୍ୱରୀ ମନ୍ଦିରରେ ମମତା ସାହୁ, ପୁରୁଷୋତ୍ତମ ସାହୁ ଏବଂ ସାବିତ୍ରୀ ସାହୁ, ଖଗେଶ୍ୱର ସାହୁ ବିବାହ କାର୍ଯ୍ୟ ତୁଲାଇଥିଲେ। ସେହିପରି ଜିରାଳ, ବାଲିବୋ, ମହୁଲପାଳ, ଭୂଷଳସ୍ଥିତ ଶୈବପୀଠରେ ମଧ୍ୟ ଆଡମ୍ବର ସହକାରେ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ପରଜଙ୍ଗରେ ଧୂମ୍‌ଧାମରେ ଅନୁଷ୍ଠିତ ହୋଇଛି ଶିବବିବାହ। ସ୍ଥାନୀୟ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରୁ ମହାଦେବଙ୍କ ଚଳନ୍ତି ବିଗ୍ରହ ରୋଶଣିରେ ବାହାରିଥିଲା। ବରପିତା ବିପିନ ସାମଲ, ମାତା ମାମିନା ସାମଲ ବରଯାତ୍ରୀ ନେଇ ବାଞ୍ଛେଶ୍ୱର ମନ୍ଦିରସ୍ଥିତ ଦେବୀ ପାର୍ବତୀଙ୍କ ଘରେ ପହଞ୍ଚିଥିଲେ। ଡିଜେ ସାଉଣ୍ଡ, ବାଜାବାଣରେ ଦୁଲୁକି ଉଠିଥିଲା ସମଗ୍ର ଗ୍ରାମ। କନ୍ୟାମାତାପିତା ଭାବେ ବିନ୍ଦୁବାଳା ଭଞ୍ଜ ଏବଂ ରଞ୍ଜନ ଦଳବେହେରା ବିଧି ତୁଲାଇଥିଲେ। ବରଯାତ୍ରୀଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ବିବାହ ପରେ ମହାଦେବ ପାର୍ବତୀଙ୍କୁ ସାଥୀରେ ନେଇ ମନ୍ଦିରକୁ ବିଜେ କରିବେ। ସେଠାରେ ଶନିବାର ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ମହେଶ୍ୱର ପରିଡା, ପୃଥ୍ୱୀରାଜ ସେଠ, ବିନୟ ଦଳବେହେରା, ସାଗର ଦେହୁରୀ, ଯୁଗଳ ଦଳବେହେରା ପ୍ରମୁଖ ବିବାହ କାର୍ଯ୍ୟରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ରାସୋଳ ଥାନାରେ ନୂତନ ଆଇଆଇସି



ରାସୋଳ, ୭।୬(ଡି.ଏନ.ଏ.) ରାସୋଳ ଥାନାର ନୂତନ ଆଇଆଇସି ଭାବେ ଶୁକ୍ରବାର ଯୋଗଦେଇଛନ୍ତି ଇନ୍ସପେକ୍ଟର ଜ୍ଞାନରଞ୍ଜନ ସାମଲ। ଓଆଇସି ସନ୍ତୋଷ ପ୍ରଧାନ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଏହି ପଦବୀ ଖାଲି ପଡ଼ିଥିଲା। ଏହା ପରେ ଏଠାରେ ପ୍ରଥମ କରି ଇନ୍‌ସ୍ପେକ୍ଟର ର୍‍ୟାଙ୍କର ଜଣେ ଅଧିକାରୀଙ୍କୁ ଥାନାଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ଅଞ୍ଚଳବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଥିବାରୁ ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। କାର୍ଯ୍ୟଭାର ଗ୍ରହଣ ଅବସରରେ ନିଜ ପ୍ରତିକ୍ରିୟାରେ ଆଇଆଇସି କହିଛନ୍ତି, ଅଞ୍ଚଳର ଆଇନଶୃଙ୍ଖଳା ରକ୍ଷା କରିବା ତାଙ୍କର ପ୍ରଥମ ଦାୟିତ୍ୱ ହେବ। ବଢୁଥିବା ଅପରାଧ ରୋକିବାକୁ ପାଟ୍ରୋଲିଂ କଡ଼ାକଡ଼ି କରାଯିବ। ଏ ନେଇ ସେ ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି।

### ଟିପ୍ପର ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ପରଜଙ୍ଗ, ୭।୬(ଡି.ଏନ.ଏ.) ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଅଧୀନ ୫୩ନଂ. ଜାତୀୟ ରାଜପଥର ପିଟିରି ଜଙ୍ଗଲ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ଟିପ୍ପ ବୋଝେଇ ଟିପ୍ପର ଧକ୍କାରେ ହାତୀଲୁଟାଣି ଗ୍ରାମର ବିକାଶ ମହାନ୍ତି ଗୁରୁତର ହୋଇଛନ୍ତି। ସେ ବାଇକ୍‌ରେ ତାଳଚେର ଯାଉଥିବାବେଳେ ସମ୍ମୁଖରୁ ଆସୁଥିବା ଉକ୍ତ ଟିପ୍ପର ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ଟିପ୍ପର ଜବତ କରି ତଦନ୍ତ ଚଳାଇଛି।

### ଶ୍ରୀଗୁଣ୍ଡିଚା ଭଜନ ସମାରୋହ ପ୍ରସ୍ତୁତି ବୈଠକ

ଢେଙ୍କାନାଳ ଅଫିସ, ୭।୬ ରଥଯାତ୍ରା ଅବସରରେ ବାଜିଚୌକସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟରେ ୯ଦିନ ବ୍ୟାପୀ ଆୟୋଜିତ ହେବ ଭଜନ ସମାରୋହ। ଏ ନେଇ ସ୍ଥାନୀୟ ଦଧିବାମନଜୀଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀଗୁଣ୍ଡିଚା ଭଜନ ସମାରୋହ କମିଟି ପକ୍ଷରୁ ଶୁକ୍ରବାର ଅପରାହ୍ନରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ରାଜ୍ୟ ତଥା ସ୍ଥାନୀୟ ଅଞ୍ଚଳର ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କୁ ଆମନ୍ତ୍ରିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଗତବର୍ଷର ଆୟବ୍ୟୟ ବିବରଣୀ ପାଠ କରାଯାଇଥିଲା। ଉପଦେଷ୍ଟା ଗଗନ ବିହାରୀ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସଂଗ୍ରାମ କେଶରୀ ପାଣି, କାର୍ଯ୍ୟକାରୀ ସଭାପତି ରୁଦ୍ରାକ୍ଷ ଦଳେଇ, ସମ୍ପାଦକ ମହମ୍ମଦ ସାଗିର, କୈଳାସ ସେଠୀ, ହିରୋଜ ଖାଁ, ସହ ସମ୍ପାଦକ ରଞ୍ଜନ କୁମାର ନାୟକ ପ୍ରମୁଖ ଆଲୋଚନାରେ ଭାଗନେଇ ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

■ବନ ବିଭାଗକୁ ଦନ୍ତା ଚିନ୍ତା

# ଅଧିକ ହିଂସ୍ର ହେଉଛି

ଢେଙ୍କାନାଳ ଅଫିସ, ୭।୬



ଢେଙ୍କାନାଳ-ଅନୁଗୋଳ ଜିଲା ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ନରହନ୍ତା ଦନ୍ତା।

ଢେଙ୍କାନାଳ-ଅନୁଗୋଳ ଜିଲା ସୀମାନ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଥିବା ନରହନ୍ତା ଦନ୍ତା ଅଧିକ ହିଂସ୍ର ହେବାରେ ଲାଗିଛି। ତାଳଚେରରେ ୫ଜଣଙ୍କୁ ଦଳି ମାରିବା ପରେ ଗତ ଦୁଇ ସପ୍ତାହ ମଧ୍ୟରେ ଓଡ଼ାପଡ଼ା ବ୍ଲକ ଅଞ୍ଚଳର ୩ ଜଣଙ୍କ ଜୀବନ ନେଲାଣି ଏହି ହାତୀ। ଏହାକୁ ନେଇ ଚିନ୍ତାରେ ପଡ଼ିଥିବା ବନ ବିଭାଗ ସମାଧାନର ବାଟ ପାଉ ନ ଥିବାବେଳେ ଏବେ ଲଦି ହୋଇଛି ଆଉ ଏକ ସମସ୍ୟା। ବନ ବିଭାଗ ପକ୍ଷରୁ ଦନ୍ତାକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ଛଡ଼ାଯିବା ଅନୁରୋଧକୁ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷ ନା କରିଦେଇଛନ୍ତି। ଏହାପରେ ହାତୀକୁ ଅନ୍ୟତ୍ର ଘଉଡ଼ାଇବା ଏକମାତ୍ର ବିକଳ୍ପ ହୋଇଛି।

ଉକ୍ତ ଦନ୍ତା ବର୍ଷେ ହେଲା ପରଜଙ୍ଗ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିବା ପରେ ତାଳଚେରରେ ପ୍ରବେଶ କରି ଗୋଟିଏ ଦିନରେ ୫ଜଣଙ୍କ ଜୀବନ ନେଇଥିଲା। ଏହାପରେ ହାତୀ ଓଡ଼ାପଡ଼ା ବ୍ଲକକୁ ଫେରିଆସିଛି। ଗତ ଦୁଇ ସପ୍ତାହରେ ହାତୀ ଆକ୍ରମଣରେ ୩ଜଣଙ୍କ ମୃତ୍ୟୁ ଘଟିଲାଣି। ଗଇଲୋ, ଓଡ଼ାପଡ଼ା, ଗୁଣ୍ଡୁଦେଇ ଅଞ୍ଚଳରେ ଦନ୍ତା ଆତଙ୍କ ଚରମସୀମାରେ ପହଞ୍ଚିଛି। ହାତୀ ଭୟରେ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଛି। ସକାଳ ଏବଂ ସନ୍ଧ୍ୟା ସମୟରେ ଗ୍ରାମ ରାସ୍ତାରେ ଚଳପ୍ରଚଳ ଏକପ୍ରକାର ବନ୍ଦ ହୋଇଯାଉଛି। ଭୟଭୀତ ଲୋକେ ଆମ୍ବ, କାଜୁ ବଗିଚାକୁ ଯାଉନାହାନ୍ତି। ଦୁଇଦିନ ତଳେ ଉକ୍ତ ହାତୀଟି ବ୍ରାହ୍ମଣୀ ନଦୀ ପାରହୋଇ ପରଜଙ୍ଗ ଅଞ୍ଚଳକୁ ପଳାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି।

■ଟ୍ରାଙ୍କୁଲାଇଜକୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନା

■ଘଉଡ଼ାଇବା ହିଁ ଏବେ ଏକମାତ୍ର ବିକଳ୍ପ

ତାଳଚେର ଘଟଣା ପରେ ଦନ୍ତାର ହିଂସ୍ର ଆଚରଣରେ ଲଗାମ କଷିବାକୁ ଟ୍ରାଙ୍କୁଲାଇଜ କରି ଦାନ୍ତ କଟାଯାଇଥିଲା। ଏହା ସତ୍ତ୍ୱେ ହାତୀ ନିଜର ଆଚରଣ ବଦଳାଉନାହିଁ, ବରଂ ଅଧିକ ହିଂସ୍ର ଏବଂ ଆକ୍ରମଣାତ୍ମକ ହେବାରେ ଲାଗିଛି। ହାତୀ ଆକ୍ରମଣରେ କ୍ଷୟକ୍ଷତି ସୀମା ଟପିଥିବାବେଳେ ଉପଦ୍ରୁତ ଅଞ୍ଚଳରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି, ଯାହା ଉଭୟ ପୋଲିସ ଏବଂ ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି। ଅନ୍ୟପଟେ ହାତୀକୁ ଟ୍ରାଙ୍କୁଲାଇଜ କରି ଅନ୍ୟତ୍ର ଛାଡିବା ପାଇଁ ଆଞ୍ଚଳିକ ବନ ବିଭାଗ ପକ୍ଷରୁ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ତେବେ ବାରମ୍ବାର ଟ୍ରାଙ୍କୁଲାଇଜ କରିବା ଦ୍ୱାରା ହାତୀ ଜୀବନ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ଥିବାରୁ ଏଥିରେ ଅସହମତି ପ୍ରକାଶ କରିଛନ୍ତି ବିଭାଗୀୟ ବିଶେଷଜ୍ଞ।

ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ (ଡିଏଫ୍‌ଓ) ସୁଦର୍ଶନ ପାତ୍ର କୁହନ୍ତି, ଦନ୍ତା ହାତୀ ପାଇଁ ଚିନ୍ତା ବଢ଼ିଛି। ଟ୍ରାଙ୍କୁଲାଇଜ କରିବାକୁ ରାଜ୍ୟ ବନ ବିଭାଗ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ହେଲେ ଏହାକୁ ଉପରିସ୍ଥ ଅଧିକାରୀ ମନା କରିଦେଇଛନ୍ତି। ନନ୍ଦନକାନନ କର୍ତ୍ତୃପକ୍ଷ ମଧ୍ୟ ଆଉ ହାତୀ ନେବେନାହିଁ ବୋଲି କହୁଛନ୍ତି। କପିଳାସ ରେସକ୍ୟୁ ସେଣ୍ଟରରେ ବଡ଼ ଦନ୍ତା ହାତୀକୁ ରଖିବା ଅସମ୍ଭବ। ପ୍ରତି ରେଞ୍ଜରେ ଗଜବନ୍ଧୁ ଯୋଜନାରେ ପାରିଶ୍ରମିକ ଦେଇ ହାତୀ ସମ୍ପର୍କରେ ଅଞ୍ଚଳବାସୀଙ୍କୁ ସତର୍କ କରାଇବାକୁ ଜଣେ ଜଣେ ଲୋକଙ୍କୁ ରଖିବା ପାଇଁ ୱାଇଲ୍ଡ ଲାଇଫ୍ ବିଭାଗକୁ ପ୍ରସ୍ତାବ ଦିଆଯାଇଥିଲା। ଏ ସମ୍ପର୍କିତ କୌଣସି ନିର୍ଦ୍ଦେଶନାମା ଏଯାଏ ଆସିନାହିଁ। ଏପରି ସ୍ଥିତିରେ ଦନ୍ତାକୁ ଘଉଡ଼ାଇବା ଏକମାତ୍ର ବିକଳ୍ପ ରହିଛି। ବନ ବିଭାଗ କର୍ମଚାରୀ ଦନ୍ତା ଗତିବିଧି ଉପରେ ନଜର ରଖିଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

## କପିଳାସ ଜୁ'ର ନୂଆ ଅତିଥି 'ହିରୋ'



କପିଳାସ ଚିଡ଼ିଆଖାନାରେ ହାତୀ ଶାବକ 'ହିରୋ'।

ଢେଙ୍କାନାଳ ଅଫିସ, ୭।୬

ସମ୍ବଲପୁର-ଦେବଗଡ଼ ଜିଲା ମଧ୍ୟବର୍ତ୍ତୀ ବାମରା ବନଖଣ୍ଡରୁ ଉଦ୍ଧାର ହୋଇଥିବା ହାତୀ ଶାବକ କପିଳାସ ଏଲିଫ୍ୟାଣ୍ଟ ରେସକ୍ୟୁ ସେଣ୍ଟରର ନୂତନ ସଦସ୍ୟ ପାଲଟିଛି। ଏକ ସ୍ୱତନ୍ତ୍ର ମିନିଟ୍ରକ୍‌ରେ ଶୁକ୍ରବାର ଅପରାହ୍ନରେ ହାତୀ ଛୁଆକୁ ଅଣାଯାଇଛି। ହାତୀର ଆନୁମାନିକ ବୟସ ଦେଢ଼ବର୍ଷ ହୋଇଥିବାବେଳେ ବନ କର୍ମଚାରୀମାନେ ଏହାର ନାମ ରଖିଛନ୍ତି 'ହିରୋ'।

ବାମରା ବନଖଣ୍ଡ ଅଞ୍ଚଳରେ ରୋଗାକ୍ରାନ୍ତ ମାଈ ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ହାତୀକୁ ଚିକିତ୍ସା କରାଯାଉଥିବା ସମୟରେ ଉକ୍ତ ଶାବକ ମା'ର ପାଖେ ପାଖେ ରହିଥିଲା। ସୁରକ୍ଷା ଦୃଷ୍ଟିରୁ ତାକୁ ଜଙ୍ଗଲକୁ ଛଡ଼ାଯିବା ପରିବର୍ତ୍ତେ କପିଳାସ ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରରେ ଲାଳନ ପାଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ସୁଦର୍ଶନ ପାତ୍ର କୁହନ୍ତି, ଅସୁସ୍ଥ ମା' ହାତୀର ମୃତ୍ୟୁ ପରେ ବାମରା ବନଖଣ୍ଡରୁ ହାତୀ ଶାବକର ରକ୍ଷଣାବେକ୍ଷଣ ପାଇଁ କପିଳାସ ଅଣାଯାଇଛି। ଏହାର ସ୍ୱାସ୍ଥ୍ୟ ଉପରେ ନଜର ରଖାଯାଇଛି। ସୂଚନାଯୋଗ୍ୟ, କପିଳାସ ଜୁ'ରେ କାର୍ତ୍ତିକ, ଉମା, ଚନ୍ଦୁ ନାମକ ୩ଟି ହାତୀ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। 'ହିରୋ'ର ଆଗମନ ପରେ ଏହି ସଂଖ୍ୟା ୪ରେ ପହଞ୍ଚିଛି। ଚିଡ଼ିଆଖାନାରେ କିଛିଦିନ ତଳେ ସ୍ୱାସ୍ଥ୍ୟଗତ କାରଣରୁ ହାତୀ ଶାବକ 'ରାଜା'ର ମୃତ୍ୟୁ ଘଟିଥିଲା।

■ରାମଚଣ୍ଡୀ ପୀଠରେ ଶିବବିବାହ

## ପ୍ରମୋଦ ଉଦ୍ୟାନ ଲୋକାର୍ପିତ



ଶିଶୁ ଉଦ୍ୟାନ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଅଫିସ, ୭।୬

ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ଆନନ୍ଦ ଉଲ୍ଲାସର ସହ ଶିବବିବାହ ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ପୀଠ ପରିସରରେ ରାମଚଣ୍ଡୀ ଶିଶୁ ପ୍ରମୋଦ ଉଦ୍ୟାନ ଲୋକାର୍ପିତ ହୋଇଛି।

ଶୁକ୍ରବାର ଯଥାରୀତି ଶ୍ରୀ ଗୋକନକେଶ୍ୱରଙ୍କ ମହାଦେବଙ୍କ ରୁଦ୍ରାଭିଷେକ, ମଙ୍ଗଳପାକ ବିଧି ଆୟୋଜିତ ହୋଇଥିଲା। ମନ୍ଦିର ପ୍ରାଙ୍ଗଣରୁ ବାହାରିଥିବା ମହାଦେବଙ୍କ ରୋଶଣି ମା' ରାମଚଣ୍ଡୀଙ୍କ ପୀଠରେ ପହଞ୍ଚିଥିଲା। ବାଦ୍ୟବାଜଣା, ଆତସବାଜିରେ ପ୍ରକମ୍ପିତ ହୋଇ ଉଠିଥିଲା ସମଗ୍ର ଅଞ୍ଚଳ। ଦେବଦମ୍ପତିଙ୍କ ଏହି ମାଙ୍ଗଳିକ କାର୍ଯ୍ୟରେ ବ୍ରାହ୍ମଣୀ ନଦୀ ଉପକୂଳବର୍ତ୍ତୀ ଗ୍ରାମର ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପତଳା ଗ୍ରାମର ଅନ୍ନପୂର୍ଣ୍ଣା ମହାନ୍ତି, ସୁମନ୍ତ ମହାନ୍ତି ଦେବକନ୍ୟା ରାଜରାଜେଶ୍ୱରୀଙ୍କର ଏବଂ ତଳବାଘଲୁଣ୍ଡା ଅଞ୍ଚଳର ମଞ୍ଜୁଲତା ବେହେରା, କାଠିଆ ବେହେରା ଗୋକନକେଶ୍ୱରଙ୍କ ମାତାପିତା ଦାୟିତ୍ୱ ତୁଲାଇଥିଲେ। ଶନିବାର ଦେବଦମ୍ପତିଙ୍କ ବରବାହୁଡ଼ା ତଥା ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ। ଠାକୁରଙ୍କ ଶୋଭାଯାତ୍ରା ନାଧରା, ତଳବାଘଲୁଣ୍ଡା, ଆର୍ତ୍ତସାନ୍ତରାକାଟେଣୀ, ଗୁଡିଆକାଟେଣୀ, ପତଳା, ତଳଗଡ଼, ବଳରାମପ୍ରସାଦ, ମୃଦଙ୍ଗାପଲ୍ଲୀ, ଗୋଡ଼ିଡ଼ିହ ଏବଂ ଏକଘରିଆ ଗ୍ରାମ ପରିକ୍ରମା କରିବ ବୋଲି ରାମଚଣ୍ଡୀ ସେବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରମୋଦ ଉଦ୍ୟାନ ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ମହେଶ ସାହୁ, ସମ୍ମାନିତ ଅତିଥି ବିଧାୟକ ସୁଧୀର କୁମାର ସାମଲ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ବିଶ୍ୱଶାନ୍ତି ମହାଯଜ୍ଞ କମିଟି ସଭାପତି ହେମନ୍ତ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ ବୈଠକ

ଢେଙ୍କାନାଳ ଅଫିସ, ୭।୬

ଢେଙ୍କାନାଳ ଶାଖା ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଜରୁରୀ ବୈଠକ ସ୍ଥାନୀୟ ଦୁର୍ଗାବଜାରସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ସରୋଜ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। କର୍ମଚାରୀଙ୍କ ବୟସ ସୀମା ୬୨ବର୍ଷକୁ ବୃଦ୍ଧି, ଉଚ୍ଚଶିକ୍ଷିତ କର୍ମଚାରୀଙ୍କ ପଦୋନ୍ନତି, ରାଜ୍ୟରେ ଖାଲି ପଡ଼ିଥିବା ପଦବୀ ପୂରଣ, ସର୍ବନିମ୍ନ ଦରମା ୧୮ହଜାର ଟଙ୍କାକୁ ବୃଦ୍ଧି କରିବା ଆଦି ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଅଦ୍ୟାବଧି ଏହାକୁ ପୂରଣ ଦିଗରେ ପଦକ୍ଷେପ ନିଆଯାଉନାହିଁ। ଯଥାଶୀଘ୍ର ଦାବି ପୂରଣ କରିବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ଜିଲା ସଂଘ ଉପସଭାପତି ତଥା ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗରେ କାର୍ଯ୍ୟରତ ବିଦ୍ୟାଧର ରାଉତ ଅସୁସ୍ଥ ଥିବାରୁ ତାଙ୍କୁ କାମାକ୍ଷାନଗରୁ ଡେପୁଟେଶନରେ ଢେଙ୍କାନାଳ ଅଣାଯାଇଥିଲା। ତାଙ୍କୁ ପୁନର୍ବାର କାମାକ୍ଷାନଗରରେ ଯୋଗଦେବା ଲାଗି ବିଭାଗୀୟ ଅଧିକାରୀ ଚିଠି କରିଛନ୍ତି। ଏହାକୁ ବାତିଲ କରିବାକୁ ଅନୁରୋଧ କରାଯାଇଛି। ବୈଠକରେ ଜିଲା ସମ୍ପାଦକ ଗିରିଶ ନାୟକ, ସଙ୍ଗଠନ ସମ୍ପାଦକ ଦିଲୀପ ସାହୁ, ବାଙ୍କନିଧି ନାୟକ, ସହସମ୍ପାଦକ ନିରଞ୍ଜନ ନାୟକ, କୋଷାଧ୍ୟକ୍ଷ ଧ୍ରୁବଚରଣ ମହାକୁଡ, ସଦସ୍ୟ ଅନନ୍ତ ଚରଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

■ଜିଲା ଭାଜପା ସଭାପତିଙ୍କ ଖବରଦାତା ସମ୍ମିଳନୀ

## ଶାସକ ଦଳର ଆକ୍ରୋଶ ବଢ଼ିଛି

ପରଜଙ୍ଗ, ୭।୬(ଡି.ଏନ୍.ଏ.)



ଖବରଦାତା ସମ୍ମିଳନୀରେ ଭାଜପା ଜିଲା ସଭାପତିଙ୍କ ସମେତ ଅନ୍ୟମାନେ।

ସାଧାରଣ ନିର୍ବାଚନ ପରେ ଶାସକ ବିଜେଡି କର୍ମୀଙ୍କ ଆକ୍ରୋଶ ବଢ଼ିଛି। ଭାଜପା କର୍ମୀଙ୍କ ଉପରେ ଉଦ୍ଦେଶ୍ୟମୂଳକ ଭାବେ ଆକ୍ରମଣ କରାଯାଉଛି। ପୋଲିସ ଶାସକ ଦଳର ଚାଟୁକାର ପାଲଟିଛି ବୋଲି ଅଭିଯୋଗ ଆଣିଛନ୍ତି ଢେଙ୍କାନାଳ ଜିଲା ଭାଜପା ସଭାପତି ବିଭୂତି ଭୂଷଣ ପ୍ରଧାନ। ପରଜଙ୍ଗସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ଏ ନେଇ ଶାସକ ଦଳ ଉପରେ ପ୍ରବଳ ବର୍ଷିଛନ୍ତି।

■ଦଳୀୟକର୍ମୀଙ୍କ ଉପରେ ହେଉଛି ଆକ୍ରମଣ

■ଥାନା ଘେରାଉ ପାଇଁ ଚେତାବନୀ

■ଡିଆଇଜି, ଏସ୍‌ପିଙ୍କୁ ଦେଲେ ଦାବିପତ୍ର

ବିଭୂତି ପରଜଙ୍ଗ ବିଧାନସଭା ଆସନରୁ ପ୍ରାର୍ଥୀ ହୋଇଥିଲେ। ମାତ୍ର ୭୪୦ ଖଣ୍ଡ ଭୋଟରେ ସେ ଡା. ନୃସିଂହ ଚରଣ ସାହୁଙ୍କଠାରୁ ପରାଜିତ ହୋଇଛନ୍ତି। ଏଥିପାଇଁ ସେ ନିଜ ମୁଣ୍ଡକୁ ଦୋଷ ନେବା ସହ ପରାଜୟ ସ୍ୱୀକାର କରିଛନ୍ତି। ଏଥିସହ ସେ ନିର୍ବଚନମଣ୍ଡଳୀର ସମସ୍ତ ଭୋଟରଙ୍କୁ କୃତଜ୍ଞତା ଜଣାଇଛନ୍ତି।

ବିଭୂତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ନିର୍ବାଚନ ପରେ ଶାସକ ଦଳର କର୍ମୀମାନେ ଭାଜପା କର୍ମୀଙ୍କୁ ଆକ୍ରମଣ କରୁଛନ୍ତି। ଓଲଟି ମାଡ଼ ଖାଇଥିବା ବ୍ୟକ୍ତିଙ୍କ ବିରୋଧରେ ମିଥ୍ୟା ମାମଲା ରୁଜୁ କରାଯାଉଛି। ପୋଲିସ ଏକତରଫା ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। କିଛିଦିନ ତଳେ ବସୋଇ ପଞ୍ଚାୟତ ଯୌତୁକପଶି ଗ୍ରାମର ମଣ୍ଡଳ ସମ୍ପାଦକ ରମେଶ ସାହୁଙ୍କ ଉପରେ ଆକ୍ରମଣ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଛାଡ଼ି ଦେଇଥିବାବେଳେ ଅଭିଯୋଗକାରୀଙ୍କୁ ଦୀର୍ଘସମୟ ଥାନାରେ ବସାଇ ରଖିଥିଲା। ସେହିପରି ଜକା ଗ୍ରାମର ଭାଜପା କର୍ମୀ ଟିକାୟତ ପ୍ରଧାନ ମଧ୍ୟ ଶାସକ ଦଳର କର୍ମୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଛନ୍ତି। ଅଭିଯୋଗ କରାଯିବା ସତ୍ତ୍ୱେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୋଲିସ ତତ୍ପରତା ପ୍ରକାଶ ପାଉନାହିଁ। କେବଳ ଏତିକି ନୁହେଁ, ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଶାସକ ଦଳର କର୍ମୀଙ୍କ ପ୍ରରୋଚନାରେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ହଇରାଣ ହରକତ କରାଯାଉଛି। ଥାନା ମୁଖିଆ ଉଦ୍ଦେଶ୍ୟମୂଳକ ଭାବେ ଏପରି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛନ୍ତି। ଏ ସଂକ୍ରାନ୍ତରେ ଡିଆଇଜି, ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଇଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଥାନା ଘେରାଉ କରାଯିବ ବୋଲି ବିଭୂତି ଚେତାବନୀ ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଉପସଭାପତି ସୁଶାନ୍ତ ଦଳବେହେରା, ଲକ୍ଷ୍ମୀଧର ସାହୁ, ଦୁର୍ଗାପ୍ରସାଦ ସାହୁ, ପ୍ରଶାନ୍ତ ଦଳବେହେରା, ଦୁର୍ଗା ଚରଣ ନାୟକ, ଦୟାନିଧି ସାହୁ, ହେମନ୍ତ ସାମଲ, ବିଭୂତି ସାମଲ ପ୍ରମୁଖ ବହୁ କର୍ମୀ ଉପସ୍ଥିତ ଥିଲେ।

■ଅନୁମତି ନ ଥାଇ ତିଆରି କରିଥିଲା ଓଏସ୍‌ଆର୍‌ଟିସି

## ଭଙ୍ଗାଗଲା ବେଆଇନ ପାଚେରି

ଢେଙ୍କାନାଳ ଅଫିସ, ୭।୬



ବେଆଇନ ଭାବେ ନିର୍ମିତ ପାଚେରିକୁ ଭାଙ୍ଗି ଦିଆଯାଇଛି।

ଢେଙ୍କାନାଳ ମହିଷାପାଟ ପଡ଼ିଆରେ ପ୍ରସ୍ତାବିତ ନୂତନ ବସଷ୍ଟାଣ୍ଡ ଜମିରେ ରେକର୍ଡ ନ ଥାଇ ଓଏସ୍‌ଆର୍‌ଟିସି ପକ୍ଷରୁ ନିର୍ମିତ ପାଚେରିକୁ ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଜେସିବି ସହାୟତାରେ ସମ୍ପୂର୍ଣ୍ଣ ପାଚେରିକୁ ଭାଙ୍ଗି ଦିଆଯାଇଛି।

ଗମନାଗମନ ବ୍ୟବସ୍ଥାରେ ଉନ୍ନତି ଲାଗି ୨୦୦୦ରୁ ମହିଷାପାଟ ନିକଟରେ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବାକୁ ଉଦ୍ୟମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ପିପିପି ମୋଡ୍‌ରେ ହେବ ବୋଲି ତତ୍କାଳୀନ ସମୟରେ ଡ୍ରିଟ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ହେଲେ ଠିକାସଂସ୍ଥା ଏବଂ ଡ୍ରିଟ୍ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଜାଗାକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ମାମଲା ହାଇକୋର୍ଟ ଯାଏ ଯାଇଥିଲା। ଫଳରେ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଅଟକି ରହିଥିଲା। ପରବର୍ତ୍ତୀ ସମୟରେ ଉକ୍ତ ପଡ଼ିଆର ୫ ଏକର ଜାଗା ଓଏସ୍‌ଆରଟିସି ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚିହ୍ନଟ ହୋଇଥିଲା। ଜିଲା ପ୍ରଶାସନର ବିନା ଅନୁମତିରେ ରେକର୍ଡଭୁକ୍ତ ହୋଇ ନ ଥିବା ଉକ୍ତ ଜାଗାରେ ଓଏସ୍‌ଆରଟିସି କର୍ତ୍ତୃପକ୍ଷ ପାଚେରି ତିଆରି କରିଥିଲେ। ଏହା ଜଣାପଡ଼ିବା ପରେ ଜିଲାପାଳଙ୍କ ନିର୍ଦ୍ଦେଶରେ ପାଚେରି ଭଙ୍ଗାଯାଇଛି।

ଏ ସମ୍ପର୍କରେ ତହସିଲଦାର ଉଦୟନାଥ ମହାପାତ୍ର କୁହନ୍ତି, ଓଏସ୍‌ଆରଟିସି ପକ୍ଷରୁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଚିହ୍ନଟ ଜାଗାର ବିଧିବଦ୍ଧ ଭାବେ ରେକର୍ଡଭୁକ୍ତ ହୋଇନାହିଁ। କାର୍ଯ୍ୟ ଆରମ୍ଭ ପୂର୍ବରୁ ବିଭାଗ ପକ୍ଷରୁ ଅନୁମତି ପାଇଁ ଆବେଦନ ମଧ୍ୟ କରାଯାଇନାହିଁ। ବେଆଇନ ଭାବେ ନିର୍ମାଣ କରାଯାଇଥିବା ପାଚେରିକୁ ଭାଙ୍ଗିଦିଆଯାଇଛି।

■ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ

## ଲୋଡ଼ାଗଲା ଏସ୍‌ଏଚ୍‌ଜି ସହାୟତା

ଭୁବନ, ୭।୬(ଡି.ଏନ୍.ଏ.)

'ସ୍ୱଚ୍ଛ ଓଡ଼ିଶା, ସୁସ୍ଥ ଓଡ଼ିଶା' ଗଠନ ଉଦ୍ଦେଶ୍ୟ ନେଇ ଶୁକ୍ରବାର ଭୁବନ ଏନ୍‌ଏସି ପକ୍ଷରୁ ସ୍ଥାନୀୟ ବାଜି ରାଉତ କଲ୍ୟାଣ ମଣ୍ଡପରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି ଅନ୍ତର୍ଗତ ୧୫ଟି ୱାର୍ଡର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ସହାୟତା ଲୋଡ଼ାଯାଇଥିଲା।

■ସଚେତନ ହେଲେ ଫେରିବ ସ୍ୱଚ୍ଛତା

■ଡଷ୍ଟବିନ ବ୍ୟବହାର ଉପରେ ଗୁରୁତ୍ୱ

■ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଜ୍ୟ ସରକାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ ଅଧ୍ୟକ୍ଷତା କରିଥିଲେ। ପରିମଳ ବ୍ୟବସ୍ଥା ପରିଚାଳନା ଦାୟିତ୍ୱରେ ଥିବା 'ନିପ୍‌ସ' ସେବାସଂସ୍ଥାର ନିର୍ଦ୍ଦେଶକ ପରମେଶ୍ୱର ଦାସ, କମ୍ୟୁନିଟି ସଂଯୋଜିକା ଜଲିତା ସାହୁ, ଜ୍ୟୋତିକୃଷ୍ଣ ପଣ୍ଡା, ଜି.ଗୀତିକା ସୁବୁଦ୍ଧି, ସଚ୍ଚିଦାନନ୍ଦ ସାହୁ ଉପସ୍ଥିତ ରହି ପରିମଳ ସଜାଡ଼ିବା ଦିଗରେ ଆବଶ୍ୟକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।

ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ପରିବେଶ ସଫାସୁତରା ରଖିବା ଦିଗରେ କାର୍ଯ୍ୟ କରୁଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ହେଲେ ଜନସାଧାରଣଙ୍କ ସଚେତନ ହେଉ ନ ଥିବାରୁ ସବୁ ଯୋଜନା ଫେଲ୍ ମାରୁଛି। ବ୍ୟାପକ ପ୍ରଚାର ସତ୍ତ୍ୱେ ଅଞ୍ଚଳବାସୀ ଡଷ୍ଟବିନ୍ ବ୍ୟବହାର କରୁନାହାନ୍ତି। ବର୍ଜ୍ୟବସ୍ତୁ ଖୋଲାସ୍ଥାନ, ଡ୍ରେନ୍‌ରେ ପକାଉଛନ୍ତି। ବର୍ଷା ହେଲେ ଉକ୍ତ ସାମଗ୍ରୀ ନାଳରେ ଭର୍ତ୍ତି ହୋଇ ପାଣି ନିଷ୍କାସନରେ ବାଧା ସୃଷ୍ଟି ହେଉଛି। ୱାର୍ଡବାସୀ ସାମାନ୍ୟ ଉଦ୍ୟମ କଲେ ଭୁବନ ଏନ୍‌ଏସିରେ ସ୍ୱଚ୍ଛତା ଫେରିବାରେ ବେଶି ଡେରି ହେବନି ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ।



ଶିବିରରେ ଏସ୍‌ଏଚ୍‌ଜି ସଦସ୍ୟମାନେ।

ଅଞ୍ଚଳର ୨୦୦ରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ସଫେଇ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଗ୍ଲୋଭ୍‌ସ, ଜୋତା ପ୍ରଦାନ କରାଯାଇଥିଲା। ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା।

# ଦେବ ବିବାହ ପାଇଁ ସମସ୍ତ ଶୈବପୀଠ ଉତ୍ସବ ମୁଖର

**ଛେଣ୍ଡିପଦା,୭।୬(ଡି.ଏନ.ଏ)**

ଛେଣ୍ଡିପଦା ବ୍ଲକର ସମସ୍ତ ଶୈବପୀଠରେ ପବିତ୍ର ଶୀତଳ ଷଷ୍ଠୀ ଯାତ୍ରା ସାଙ୍ଗକୁ ପାରମ୍ପରିକ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ରୀତିନୀତି ଅନୁଯାୟୀ ଶିବ ପାର୍ବତୀଙ୍କ ଚଳନ୍ତି ପ୍ରତିମାକୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ହୋମଯଜ୍ଞ, ଶିବ ପୁରାଣ ପାଠ, ନାମସଂକୀର୍ତ୍ତନ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁରଙ୍କ ଚଳନ୍ତି ପ୍ରତିମାକୁ ଏକ ବିରାଟ ପଟୁଆରରେ ଗ୍ରାମ ଏବଂ ନଗର ପରିକ୍ରମା କରାଯାଇଥିଲା। ଉଭୟ ବରଯାତ୍ରୀ ଏବଂ କନ୍ୟାଯାତ୍ରୀଙ୍କ ପକ୍ଷରୁ ବହୁ ଶ୍ରଦ୍ଧାଳୁ ତଥା ଯାତ୍ରୀଙ୍କ ସମାଗମ ହୋଇଥିଲା। ଉଭୟ ପକ୍ଷ ବର ମାତାପିତା ଏବଂ କନ୍ୟା ମାତାପିତା ଉପସ୍ଥିତ ଥିଲେ। ବିଶେଷ କରି ଜରପଡା ଧବଳେଶ୍ୱର ମନ୍ଦିର, ଜେରେଙ୍ଗ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିର, ପରା ରଣେଶ୍ୱର ମନ୍ଦିର, ଓଗୀ ମାଳିସାହି ବାବା ପଶ୍ଚିମେଶ୍ୱର ମନ୍ଦିର, ଝିଣ୍ଟିପାଳ ଅଷ୍ଟଶମ୍ଭୁ ମହାଦେବ ମନ୍ଦିର ସମେତ ବଅଁରପାଳ ବ୍ଲକ ଅନ୍ତର୍ଗତ ବଡକେରେଜାଙ୍ଗ, ସାନକେରେଜାଙ୍ଗ, ଡୁବେ, ଜାମୁଣ୍ଡା ଜଙ୍ଗଲ ଆଦି ସ୍ଥାନରେ ଥିବା ଶିବ ମନ୍ଦିର ପରିସରରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଟାଙ୍ଗିରି ପଞ୍ଚାୟତ ନୂଆପଡ଼ା ଗ୍ରାମରେ ପବିତ୍ର ଶୀତଳଷଷ୍ଠୀ ଯାତ୍ରା ତଥା ଶିବ ବିବାହ ଉତ୍ସବ ପାଳିତ ହୋଇଛି। ସ୍ଥାନୀୟ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ଝିଅର ଏକୋଇଶିଆ ଦିନ ମା'ଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୭।୬**

ଝିଅର ଏକୋଇଶିଆ ପାଳନ ପୂର୍ବରୁ ମା'ଙ୍କ ଜୀବନ ଯିବା ଘଟଣା ଶୁକ୍ରବାର ଚର୍ଚ୍ଚାର ବିଷୟ ହୋଇଛି। ଘଟଣା ଘଟିଛି ଢେଙ୍କାନାଳ ଜିଲା ରାସୋଳ ଥାନା କାରନ୍ଦା ଗ୍ରାମରେ। ଗ୍ରାମର ରିତୁ ପୃଷ୍ଟି(୧୯) ୨୧ ଦିନ ପୂର୍ବରୁ ଏକ ଶିଶୁକନ୍ୟା ଜନ୍ମ ଦେଇଥିଲେ। ହେଲେ ଛାତି ଯନ୍ତ୍ରଣାଜନିତ ରୋଗରେ ପୀଡ଼ିତ ରିତୁ କିଛି ଦିନ ତଳେ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଅନୁଗୋଳ ଓ ପରେ କଟକ ବଡ଼ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଝିଅର ଏକୋଇଶିଆ ଥିବାରୁ ଗୁରୁବାର ସେ କଟକରୁ ଡିସ୍‌ଚାର୍ଜ ହୋଇ ଶାଶୁଘରକୁ ଫେରିଥିଲେ। ଏକୋଇଶିଆ ପାଳନ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ରିତୁ ଛାତିରେ ପୁଣି ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ପରିବାର ଲୋକ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଉଥିବା ବେଳେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହୃଦ୍‌ଘାତରେ ରିତୁଙ୍କ ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

## ବିଷ ପିଇ ଯୁବକ ମୃତ

**ଅନୁଗୋଳ ଅଫିସ, ୭।୬**

ଅନୁଗୋଳ ବଲାସିଂହା ଅଞ୍ଚଳର ସୁଦର୍ଶନ ସାହୁ(୩୫) ଶୁକ୍ରବାର ବିଷ ପିଇ ପ୍ରାଣ ହରାଇଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୁଦର୍ଶନ ସହରର ଏକ ଦୋକାନରେ କାମ କରୁଥିଲେ। କତେବେ ଅସୁସ୍ଥତା ଯୋଗୁ ସେ ବଲାସିଂହାସ୍ଥିତ ଘରକୁ ଚାଲିଆସିଥିଲେ। ଯନ୍ତ୍ରଣା ସହ୍ୟ କରି ନ ପାରି ବିଷ ପିଇ ଦେଇଥିଲେ। ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରିଥିଲେ। ତେବେ ସେଠାକୁ ଯିବା ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

## ଟ୍ରକ୍ ଧକ୍କାରେ ଗାଈ ମୃତ

**ମାଧପୁର,୭।୬**

ଆଠମଲ୍ଲିକ ବ୍ଲକ କିଆକଟା ଛକ ନିକଟରେ ଶୁକ୍ରବାର କୋଇଲା ବୋଝେଇ ଟ୍ରକ୍ (ନଂ.ଓଆର୧୯ଜି୬୮୬୯) ଧକ୍କାରେ ଏକ ଗାଈର ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ଡ୍ରାଇଭରଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ଖବରଲେଖା ହେବା ସୁଦ୍ଧା ଡ୍ରାଇଭର ଥାନାରେ ଅଟକ ଥିବା ଜଣାପଡ଼ିଛି।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ